# ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

ବିଜ୍ଞପ୍ତି ସଂଖ୍ୟା ...୪୭୬୫...          ତା ...୧୧।୦୮।୨୦୨୩

**ସୈରାତ ଉତ୍ସ ନିଲାମ ବିଜ୍ଞାପନ ନିମନ୍ତେ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଳେଶ୍ୱର ତହସିଲ ଅଧିନସ୍ଥ ବିଭିନ୍ନ ସୈରାତଉତ୍ସ ଗୁଡିକ ଚଳିତ ଆର୍ଥିକ ବର୍ଷ ଅର୍ଥାତ 2023-24 ନିମନ୍ତେ ପୂର୍ବ ନିର୍ଦ୍ଧାରିତ ତାରିଖ ୨୫.୦୮.୨୦୨୩ ଦିବା ୧୧ ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମ ଦେବାପାଇଁ ସ୍ଥିରିକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ସୈରାତଉତ୍ସ ଗୁଡିକର ବିଷଦ ବିବରଣୀ ନିମ୍ନରେ ଥିବା ସାରଣୀରେ ପ୍ରଦତ୍ତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ଆଗ୍ରହୀ ବ୍ୟକ୍ତି ମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିପାରିବେ । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡା 10% (ଦଶ ପ୍ରତିଶତ ) ବଇନା ଧନ (Earnest Money) ବାବଦକୁ ନଗଦ ଅର୍ଥ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ନିଲାମରେ ଅଂଶ ଗ୍ରହଣ କରିପାରିବା ପୂର୍ବରୁ ଦାଖଲ ଦେବେ, ଅନ୍ୟଥା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସର୍ବୋଚ୍ଚ ନିଲାମ ଡାକି ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବାପାଇଁ ନିଲାମ କର୍ତ୍ତୃପକ୍ଷ ବାଧ ରହିବେ ନହିଁ କିମ୍ବା ଅନୁଷ୍ଠାନିକ ଭାବେ ସୂଚାଇ ଦିଆନଯିବା ପର୍ଯ୍ୟନ୍ତ ସାମୁହିକ ଭାବେ ସ୍ଥିରିକୃତ (Provisionally Selected) ନିଲାମ ଧାରୀ ସମ୍ପୃକ୍ତ ଉତ୍ସ ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରିବେ ନହିଁ । ନିଲାମ ସାବ୍ୟସ୍ତ ସୂଚନା ପ୍ରଦାନ ମାତ୍ରେ ନିଲାମ ଗ୍ରହିତା ସମ୍ପୃକ୍ତ ଉତ୍ସ ବାବଦକୁ ସମସ୍ତ ରାଶି ଏକକାଳିନ ଦାଖଲ କରିବାକୁ ବାଧ କରିବେ ଅନ୍ୟଥା ତାଙ୍କର ବଇନା ଧନ ବାଜ୍ୟାପ୍ତି କରାଯାଇ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି ଉପରୋକ୍ତ ଧାର୍ଯ୍ୟ ତାରିଖରେ କୌଣସି ସୈରାତଉତ୍ସ ନିଲାମ ହୋଇ ନପାରିଲା ତେବେ ଉକ୍ତ ଉତ୍ସ ଗୁଡିକର ତାଲିକା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରାଯାଇ ୨ୟ ପର୍ଯ୍ୟାୟରେ ଧାର୍ଯ୍ୟ ତା. ୨୯.୦୮.୨୦୨୩ ରିଖ ରେ ଉପରୋକ୍ତ ପ୍ରକାରେ ନିଲାମ କରାଯିବ । ସେହିପରି ୨ୟ ପର୍ଯ୍ୟାୟରେ ନିଲାମ ହୋଇପାରିନଥିବା ଉତ୍ସ ଗୁଡିକ ୩ୟ ପର୍ଯ୍ୟାୟରେ ତା. ୩୧.୦୮.୨୦୨୩ ରିଖରେ ଉପରୋକ୍ତ ପ୍ରକ୍ରିୟା ଅନୁସାରେ ନିଲାମ ଦିଆଯିବ । ଅନିବାର୍ଯ୍ୟ କାରଣ ବଶତଃ କିମ୍ବା କୌଣସି କାରଣ ନଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ରହିଅଛି ।

ମତ୍ସ୍ୟ ନିମନ୍ତ ଉଦ୍ଦିଷ୍ଟ ଉତ୍ସ ଗୁଡିକ ନିଲାମରେ ଅଂଶ ଗ୍ରହଣ କରିଥିବା ଆଗ୍ରହୀ ମତ୍ସ୍ୟ ସମବାୟ ସମିତି (Fisheries Co-operative Society) ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

# ନିଲାମ ପାଇଁ ଉଦ୍ଦିଷ୍ଟ ଉତ୍ସ ଗୁଡିକର ସାରଣୀ

| କ୍ର. ନଂ | ସୈରାତ ଉତ୍ସର ନାମ | ରାଜସ୍ୱ ନିରୀକ୍ଷକ ମଣ୍ଡଳର ନାମ | ରାଜସ୍ୱ ଗ୍ରାମ | ତଫସିଲ ବୃତ୍ତି | ସରକାରୀ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|---|
| ୧ | ସାପ୍ତାହିକ ହାଟ ମାଙ୍କିଡିଆ | ଓଲମାରା | ମାଙ୍କିଡିଆ | ଖାତା-୮୨୦<br>ପ୍ଲଟ-୩୭୯, ରକବା-ଏ୦.୬୪ | ୧୪,୩୬୦/- |
| ୨ | କଳମା ଖାଲ | ସରଡ଼ିହା | କଳମା | ଖାତା-୧୪୭୮<br>ପ୍ଲଟ-୭୮୦୫, ରକବା-ଏ୧.୯୦<br>ପ୍ଲଟ-୭୯୫୦, ରକବା-ଏ୦.୮୦ | ୨୪,୨୦୦/- |
| ୩ | ଶ୍ରୀରାମପୁର ନଦୀ | ଡି.ପି.ପୁର | ଶ୍ରୀରାମପୁର | ଖାତା-୧୪୬<br>ପ୍ଲଟ-୫୫୭, ରକବା-ଏ୭୫.୭୩ | ୧୨୦୩୦/- |
| ୪ | ବଜାରଶୋଳ ନଦୀ | ସରଡ଼ିହା | ବଜାରଶୋଳ | ଖାତା-୩୮୮<br>ପ୍ଲଟ-୧୨୫୩, ରକବା-ଏ୫୦.୦୦ | ୫୫,୦୫୫/- |
| ୫ | କୁଣ୍ଡଳୀଚକ ନଦୀ | ଡି.ପି.ପୁର | କୁଣ୍ଡଳୀଚକ | ଖାତା-୧୫୧<br>ପ୍ଲଟ-୪୦୧, ରକବା-ଏ୫୭.୩୮ | ୫୨,୬୩୫/- |
| ୬ | ରାଜପୁର ନଦୀ | ମ.ନ.ପାଟଣା | ରାଜପୁର | ଖାତା-୯୭୨<br>ପ୍ଲଟ-୩୮୫, ୧୬୦୧, ୯୪, ୩୧୪, ୩୮୫, ୧୬୦୨<br>ରକବା-ଏ୦.୪୦, ଏ୦.୦୮, ଏ୧.୨୦, ଏ୦.୧.୧୦, ଏ୦.୪୦, ଏ୦.୮୦ | ୬୩,୦୦୦/- |
| ୭ | ମାଣିକଚକ ନଦୀ | ଜଳେଶ୍ୱର | ଶାସନବାଡ | ଖାତା-୨୪୨<br>ପ୍ଲଟ-୧୩, ୧୪, ୩୧, ୩୨, ୩୬, ୩୭, ୪୯, ୬୭, ୬୮, ୬୯, ୯୦ ମୋଟ ରକବା-ଏ୦.୮୪ | ୨୦୫୦/- |
| ୮ | ଦେଉଳବାଡ ଟ୍ୟାଙ୍କ | ନାମ୍ପୋ | ଦେଉଳବାଡ | ଖାତା-୧୫୪<br>ପ୍ଲଟ-୧୬୯, ରକବା-ଏ୦.୮୩ | ୧୪୮୦/- |

ତହସିଲଦାର, ଜଳେଶ୍ୱର

**ପରିପତ୍ର ସଂଖ୍ୟା ......୪୨୬୬...... ତା ...୧୧|୦୮|୨୦୨୩...**

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ/ପଞ୍ଚାୟତ ସମିତି ଜଳେଶ୍ୱର କାର୍ଯ୍ୟାଳୟ/ସମ୍ପୃକ୍ତ ଥାନା/ ସମ୍ପୃକ୍ତ ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ/ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ଉତ୍ସ ଗୁଡିକର ପୂର୍ବ ତିନି ବର୍ଷ ମଧ୍ୟରେ ଥିବା ନିଲାମ ଗ୍ରହିତା କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

**ତହସିଲଦାର, ଜଳେଶ୍ୱର**

**ପରିପତ୍ର ସଂଖ୍ୟା ......୪୨୬୭...... ତା ...୧୧|୦୮|୨୦୨୩...**

ଏହାର ଏକକିତା ନକଲ ଉପଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ତହସିଲଦାର, ଜଳେଶ୍ୱର**